# ପିଲାଙ୍କ ଧରିତ୍ରୀ

ଶନିବାର, ୮ ଅକ୍ଟୋବର, ୨୦୨୨






## ଖିଲି ଖିଲି ହସ

(ମା' ଓ ପୁଅ ମଧ୍ୟରେ କଥାବାର୍ତ୍ତା)

**ପୁଅ** – ମା' ମୋତେ ଗୋଟେ ଗପ କହ ମୁଁ ଶୁଣିବି?

**ମା:** ପୁଅ, ମୋତେ ତ କୌଣସି ଗପ ଆସେନି। ହଁ, ତୁ ଟିକେ ବାପା ଆସିବା ପର୍ଯ୍ୟନ୍ତ ଅପେକ୍ଷା କର, ମୁଁ ତାଙ୍କୁ ପଚାରିବି ଏତେ ଡେରି କ'ଣ ପାଇଁ ହେଲା ; ଦେଖିବୁ ସେ କେତେ କାହାଣୀ କହିବେ।

**ରମେଶ:** ରାଜୁ ଦେଖିଲୁ, ବାହାରେ ସୂର୍ଯ୍ୟ ଦେଖାଯାଉଛନ୍ତି ?

**ରାଜୁ:** ବାହାରେ ତ ଅନ୍ଧାର କିଛି ବି ଦେଖାଯାଉନି।

**ଦୀପୁ:** ଆରେ କାମ ଚୋର, ତୁ ଟର୍ଚ୍ଚ ମାରି ଦେଖୁନୁ ସୂର୍ଯ୍ୟ ଦେଖାଯିବେ।

କ୍ଲାସ୍‌ରେ ପିଲାଙ୍କୁ ମିସ୍ କହିଲେ, ତୁମ ଭିତରେ କିଏ ବୋକା ସେ ଠିଆ ହୁଅ। ଏହାଶୁଣି ଗୋଟେ ପିଲା ଠିଆ ହେଲା। ତାକୁ ଦେଖି ମିସ୍ କହିଲେ, ତୁମେ ବୋକା କି?
ପିଲାଟି କହିଲା– ନା ମିସ୍, ଆପଣଙ୍କୁ ଏକୁଟିଆ ଠିଆ ହେବାର ଦେଖି ମୁଁ ଠିଆ ହୋଇଗଲି।

# ଆତ୍ମବିଶ୍ୱାସୀ ହୁଅ

ଗପ

ଥରେ ଜଣେ ରାଜା ବହୁଦିନ ପରେ ନିଜ ଉଦ୍ୟାନରେ ବୁଲୁଥିଲେ। ସେଠାରେ ଦେଖିଲେ ଯେ ସମସ୍ତ ବୃକ୍ଷ ଶୁଖି ଶୁଖି ଯାଉଛନ୍ତି। ରାଜା ବହୁତ ଚିନ୍ତିତ ହେଲେ।

ଏହାର କାରଣ ଜାଣିବା ପାଇଁ ସେ ଗଛକୁ ଗୋଟି ଗୋଟି କରି ପ୍ରଶ୍ନ ପଚାରିବା ଆରମ୍ଭ କଲେ। ସେବତୀ ଗଛ କହିଲା– ମୁଁ ମରିଯାଉଛି, କାରଣ ଦେବଦାରୁ ପରି ଲମ୍ବା ନୁହେଁ। ଯେତେବେଳେ ରାଜା ଦେବଦାରୁ ଆଡ଼କୁ ଚାହିଁଲେ, ଦେବଦାରୁ ପ୍ରଣାମ କରି କହିଲା– ମୁଁ ଲମ୍ବା ହେଲେ କ'ଣ ହେଲା, ଅଙ୍ଗୁର ପରି ଫଳ ଦେଇ ପାରିଲି ନାହିଁ। ଅଙ୍ଗୁର ବୃକ୍ଷ କହିଲା– ମୁଁ ମରିଯାଉଛି, କାରଣ ମୁଁ ଗୋଲାପ ପରି ସୁନ୍ଦର ଫୁଲ ଦେଇପାରିଲି ନାହିଁ। ରାଜା ଟିକିଏ ଆଗକୁ ଗଲେ। ଦେଖିଲେ ଏକ ଗଛ ; ଯାହା ସ୍ଥିର, ସୁନ୍ଦର ଫୁଲ ଫୁଟିଛି ଏବଂ ତାଜା ହୋଇ ସଦ୍ୟ ସ୍ନାନକରିବା ସଦୃଶ ସତେଜ ଅଛି।

ରାଜା ଦେଖିଲେ ଏହା ଅଦ୍ଭୁତ। ମୁଁ ପୂରା ବଗିଚାରେ ବୁଲି ଆସିଲି। କେତେ ବଡ଼ ବଡ଼ ଗଛ ଦୁଃଖରେ ବସିଛନ୍ତି, କିନ୍ତୁ ତୁମେ ଭାରି ଖୁସି ଦେଖାଯାଉଛ। ଏହା କିପରି ସମ୍ଭବ? ଗଛଟି କହିଲା– ପ୍ରଭୁ! ଅନ୍ୟ ସମସ୍ତ ବୃକ୍ଷ ନିଜର ଗୁଣ ଓ ବିଶେଷତା ଦେଖିବା ପରିବର୍ତ୍ତେ ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରୁଛନ୍ତି। ତେଣୁ ନିଜେ ଦୁଃଖ ଭୋଗ କରୁଛନ୍ତି। ଯେତେବେଳେ ମୁଁ ଜାଣିଲି, ଆପଣ ମୋତେ ଆପଣଙ୍କ ଉଦ୍ୟାନରେ ରୋପଣ କରିଛନ୍ତି, ତେଣୁ ମୋର ଗୁଣ ସହିତ ଏହି ଉଦ୍ୟାନକୁ



ସୌନ୍ଦର୍ଯ୍ୟକରଣ କରିବା ମୋର ଧର୍ମ। ଯଦି ଆପଣ କେବଳ ସେବତୀ, ଦେବଦାରୁ, ଅଙ୍ଗୁର କିମ୍ବା ଗୋଲାପ ଚାହୁଁଥା'ନ୍ତେ ତେବେ ମୋତେ ରୋପଣ କରି ନ ଥାନ୍ତେ! ସେଥିପାଇଁ ଅନ୍ୟ କାହା ପରି ହେବା ପରିବର୍ତ୍ତେ, ମୁଁ ମୋର ଦକ୍ଷତା ଅନୁଯାୟୀ ଶ୍ରେଷ୍ଠ ହେବାକୁ ଚେଷ୍ଟା କରିଛି ଏବଂ ଭାରି ଖୁସିରେ ରହିଛି। ତେଣୁ ଆମେ ଅନ୍ୟମାନଙ୍କ ସହିତ ତୁଳନା କରି ନିଜକୁ ଅବମାନନା କରିବା ଭୁଲ୍ କରିଥାଉ।

ଅନ୍ୟମାନଙ୍କର ବୈଶିଷ୍ଟ୍ୟ ଦ୍ୱାରା ଅନୁପ୍ରାଣିତ ହେବା ପରିବର୍ତ୍ତେ ଆମେ କାହିଁକି ସେମାନଙ୍କ ପରି ହୋଇପାରିଲୁ ନାହିଁ ବୋଲି ଦୁଃଖିତ ହେଉ। ତା'ପରେ ଅନୁତାପ, ପଶ୍ଚାତ୍ତାପ କରିବା ଆରମ୍ଭ କରିଦେଉ। ଆମକୁ ମନେରଖିବାକୁ ହେବ ଯେ, ପ୍ରତ୍ୟେକ ବ୍ୟକ୍ତି ଅଲଗା ଏବଂ ସମସ୍ତଙ୍କର ଭିନ୍ନ ଭିନ୍ନ ଗୁଣ ଅଛି। ଅସ୍ତିତ୍ୱ ଆମକୁ ଯେପରି ଚାହୁଁଛି ଆମେ ଆମର ଦକ୍ଷତା ଅନୁସାରେ କାର୍ଯ୍ୟ କରିବା। କିଛି ନୂଆ କରି ଦେଖାଇବା ଯାହା ଲୋକଙ୍କ ପାଖରେ ନାହିଁ। ଯଦି ଆମ ପାଖରେ କିଛି ସ୍ୱତନ୍ତ୍ର ଗୁଣ ଅଛି, ତାହାକୁ ଚିହ୍ନଟ କରି ଆଗକୁ ବଢ଼ିବା ଏବଂ ସେହି କ୍ଷେତ୍ରରେ ସଫଳତା ହାସଲ କରିବା। ଯଦି ଆମେ ନିଜେ ନିଜକୁ ବିଶ୍ୱାସ କରୁ, ତେବେ ଆମେ ସଫଳ ହୋଇପାରିବା। ମଣିଷର ସବୁଠାରୁ ବଡ଼ ଦୁର୍ବଳତା ହେଉଛି ନିମ୍ନ ଆତ୍ମ-ମୂଲ୍ୟାଙ୍କନ। ଆମର ଅଭାବ ଜାଣିବା ଆମ ପାଇଁ ଭଲ, କିନ୍ତୁ କେଉଁ କ୍ଷେତ୍ରରେ ଆମକୁ ଉନ୍ନତି କରିବାକୁ ହେବ ତାହା ଆମକୁ ସ୍ଥିର କରିବାକୁ ପଡ଼ିବ। ସର୍ବଦା ନିଜର ଗୁଣ ଏବଂ ଦକ୍ଷତା ଉପରେ ଧ୍ୟାନ ଦେବା ଉଚିତ। ନିଜର ଦକ୍ଷତା ବୃଦ୍ଧି କଲେ ନିଶ୍ଚିତ ଦିନେ ନା ଦିନେ ଉନ୍ନତିର ଚରମ ସୀମାରେ ପହଞ୍ଚିପାରିବ।

**–ଲଳିତ ମୋହନ ମିଶ୍ର**
ନୟାଗଡ଼, ମୋ: ୯୬୯୨୭୪୦୩୬୬

# ଶୁଆ: କିଛି ରୋଚକ କଥା



ପୃଥିବୀରେ ପ୍ରାୟ ୪୦୦ରୁ ଅଧିକ ପ୍ରଜାତିର ଶୁଆ ଦେଖାଯାଆନ୍ତି। ବୈଜ୍ଞାନିକମାନଙ୍କ ସୂଚନା ଅନୁଯାୟୀ, ଶୁଆମାନଙ୍କ ସ୍ମରଣ ଶକ୍ତି ୪ ବର୍ଷ ପିଲାର ସ୍ମରଣ ଶକ୍ତି ସହ ସମାନ। ଶୁଆ ଏଭଳି ଏକ ପକ୍ଷୀ ଯିଏ ମଣିଷ ପରି କଥା କହିପାରେ। ଆଫ୍ରିକାନ୍ ଗ୍ରେ ପ୍ୟାରୋଟ୍ ଦିନକୁ ପ୍ରାୟ ୧୦୦ ଶବ୍ଦ କହିପାରନ୍ତି। ପୃଥିବୀର ସବୁଠୁ ଅଧିକ ପ୍ରଜାତିର ଦେଖାଯାଉଥିବା 'କାକାପୋ' ଶୁଆ ଉଡ଼ିପାରନ୍ତି ନାହିଁ କିନ୍ତୁ ଏମାନେ ଭଲ ଭାବେ ଡେଇଁପାରନ୍ତି ଆଉ ଗଛ ବି ଚଢ଼ିପାରନ୍ତି। ଏହି ପ୍ରଜାତିର ଶୁଆ ରାତ୍ରିଚର। ଅଧିକାଂଶ ଜଙ୍ଗଲୀ ଶୁଆ ପୃଥିବୀର ଦକ୍ଷିଣ ଗୋଲାର୍ଦ୍ଧରେ ବସବାସ କରନ୍ତି। ଶୁଆମାନେ ଏକାଥରକେ ୨ରୁ ୮ଟି ଅଣ୍ଡା ଦେଇଥା'ନ୍ତି। ଅଧିକାଂଶ ଶୁଆ ଗରମ ପରିବେଶରେ ରହୁଥିବା ବେଳେ, କିଜ୍, ମେରୁନ୍ ଫ୍ରଣ୍ଟେଡ୍, ଥିକ୍-ବିଲ୍ଡ ଜାତିର ଶୁଆ ଥଣ୍ଡା ପରିବେଶରେ ରହିଥାନ୍ତି। କାରଣ ଏମାନଙ୍କର ପର ବହୁତ ଥିବାରୁ ଏମାନଙ୍କୁ ଶୀତ ଅନୁଭୂତ ହୁଏନି। ଆକାର ଅନୁସାରେ ପୃଥିବୀର ସବୁଠାରୁ ବୃହତ୍ତମ ଶୁଆ କାକାପୋ ଓ କ୍ଷୁଦ୍ରତମ ଶୁଆ ହେଉଛି ବଫ୍ ଫେସ୍ଡ ପିଗ୍ମୀ। କାକାପୋର ଓଜନ ୪କିଲୋଗ୍ରାମ୍ ହୋଇଥିବାବେଳେ ପିଗ୍ମୀର ଓଜନ ମାତ୍ର ୧୦ଗ୍ରାମ୍।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁସନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ମତାମତ

✪ ଏଥର 'ପିଲାଙ୍କ ଧରିତ୍ରୀ' ପ୍ରଚ୍ଛଦଟି ସମ୍ପୂର୍ଣ୍ଣ ଦଶହରା ସମ୍ପର୍କିତ ଥିଲା ଆଉ ପଢ଼ିବାକୁ ବି ଭଲ ଲାଗିଲା।
– **ଅକ୍ଷୟ ନାୟକ**, ଚରମ୍ପା, ଭଦ୍ରକ

✪ 'ତୁମ ତୂଳୀରୁ' ପୃଷ୍ଠାରେ ସ୍ଥାନିତ ମା' ଦୁର୍ଗାଙ୍କର ସମସ୍ତ ଚିତ୍ର ଚମତ୍କାର ହୋଇଛି।
– **ଶୁଭଙ୍କର ଜେନା**, ଭିଏସ୍‌ଏସ୍ ନଗର,ଭୁବନେଶ୍ୱର

✪ ପ୍ରଚ୍ଛଦ ବିଷୟ 'ମା' ଆସୁଛନ୍ତି'ରୁ ପିଲାମାନେ କେମିତି ଆଡ଼ମ୍ବରରେ ଦୁର୍ଗାପୂଜା ପାଳନ କଲେ ଜାଣିବାକୁ ପାଇଲି। ସେମାନଙ୍କ ମଜାମସ୍ତି ବିଷୟରେ ପଢ଼ି ଭାରି ଖୁସି ଲାଗିଲା।
– **ବିଶ୍ୱବନ୍ଦିତା ମହାପାତ୍ର**, ନଚ୍ଛିପୁର, କଟକ

✪ 'ଆସ ଜାଣିବା'ରୁ ଗାନ୍ଧୀଙ୍କର ଅନୁଶାସନ ଓ ଶାସ୍ତ୍ରୀଜୀଙ୍କର ପିଲାଦିନ କଥା ସମସ୍ତଙ୍କ ପାଇଁ ଶିକ୍ଷଣୀୟ ।
– **ମିନାଲି ରାୟ**, ଶାନ୍ତିନଗର, ଗୁଣୁପୁର

## ରଙ୍ଗ ଦିଅ










# ଚଢ଼େଇର ନାମ କାଠହଣା କାହିଁକି...

**–ବିନୋଦ ଚନ୍ଦ୍ର ଜେନା**

ଦଶହରା ଛୁଟି ହୋଇଥାଏ। ଖୁସି ତା' ମାମୁଙ୍କ ସହ ଶିମିଳିପାଳ ଅଭୟାରଣ୍ୟ ବୁଲିବାକୁ ଗଲା। ବୁଲିବା ସମୟରେ ହଠାତ୍ ଖୁସି ଦେଖିଲା ଯେ, ଏକ ଧୂସର ରଙ୍ଗର ସୁନ୍ଦର ପକ୍ଷୀଟିଏ ଗୋଟିଏ ବଡ଼ ଗଛକୁ ହଲି ହଲି ଚଢ଼ି ଯାଉଛି। ସଙ୍ଗେ ସଙ୍ଗେ ମାମୁଙ୍କୁ ପଚାରିଲା, ମାମୁ ଏ ଚଢ଼େଇର ନାମ କ'ଣ ? ମାମୁ କହିଲେ, ଏହି ଚଢ଼େଇର ନାମ କାଠହଣା । ଏହାର ପ୍ରିୟ ସ୍ଥାନ ଜଙ୍ଗଲର ବଡ଼ ବଡ଼ ଗଛ। ଏମାନେ ହଲି ହଲି ଗଛ ଉପରକୁ ଚଢ଼ିଯାଆନ୍ତି ଓ ଗ୍ଲାଇଡର ପରି ତଳକୁ ଚାଲି ଆସନ୍ତି। ଖୁସି ପଚାରିଲା, ମାମୁ ଏମାନେ କେତେ ପ୍ରକାର ଓ ଏହାର ଲମ୍ବା ଥଣ୍ଟ ବିଷୟରେ କୁହନ୍ତୁ। ଏମାନେ ୩୦ପ୍ରକାରର। ପୃଥିବୀର ବିଭିନ୍ନ ମହାଦେଶରେ ଦେଖାଯାଆନ୍ତି। ଏମାନଙ୍କର ଶରୀରର ଲମ୍ବ ପ୍ରାୟ ୫୦ସେ.ମି ଓ ଶରୀର ବର୍ଣ୍ଣ କଳା, ଧଳା, ଶାଗୁଆ, ଲାଲ୍ ଆଦି ହୋଇଥାଏ। କେତେକଙ୍କର ମୁଣ୍ଡରେ ଟୋପି ପରି ଚୂଳ ରହିଥାଏ। ଥଣ୍ଟଟି ଶକ୍ତ ଓ ସିଧା। ଗୋଡଗୁଡିକ ଛୋଟ, ଦୁଇଟି ଆଙ୍ଗୁଠି ଆଗକୁ ଓ ଦୁଇଟି ପଛକୁ ଥାଏ। ଲାଞ୍ଜଟିର ପଛ ଭାଗରେ ମୁନିଆ ପର ଥାଏ। ଖୁସି ପଚାରିଲା ଏହା ଗଛକୁ କିପରି କାଟିଥାଏ ? ମାମୁ କହିଲେ, କାଠୁରିଆ କୁରାଢ଼ିରେ ଗଛକୁ ଚୋଟ ମାରିବା ପରି ଏ ଚଢ଼େଇ ମଧ୍ୟ ଏପଟ ସେପଟ କରି ଥଣ୍ଟ ଦ୍ୱାରା ଗଛ ଗଣ୍ଡିକୁ ହାଣିଥାଏ। ପ୍ରାୟ ୨୦ସେ.ମି ଗଭୀରର ଏକ ଗାତ ଗଛ ଗଣ୍ଡିରେ କରିଥାଏ। ଏ ଗାତ ମଧ୍ୟରେ ମାଈ ଚଢ଼େଇ ଅଣ୍ଡା ଦେଇଥାଏ। ଖୁସି ପଚାରିଲା, ଏମାନେ କ'ଣ ଖାଇ ବଞ୍ଚନ୍ତି ? ଗଛରେ ଥିବା ପିମ୍ପୁଡି ଓ ଗଛର ମହୁ ଫେଣାର ମହୁମାଛିକୁ ଖାଇଥାନ୍ତି। ଏମାନେ ଗାତ କରିବା ସମୟରେ ପୋକ ବା କୀଟ ପାଇଲେ ଥଣ୍ଟ ଆଗରୁ ପ୍ରାୟ ୧୫ସେ.ମିର ଜିଭ ବାହାର କରି ତା' ସାହାଯ୍ୟରେ ପୋକକୁ ଧରି ଖାଇ ଯାଆନ୍ତି। ଜିଭରେ କଣ୍ଟା ଭଳି ଅଂଶ ଓ ଲାଳୁଆ ପଦାର୍ଥ ଥିବାରୁ ପୋକ ସହଜରେ ଧରାପଡିଥାଏ। କେତେକ କାଠହଣା ଚଢ଼େଇ ଗଛରୁ ଫଳ ସଂଗ୍ରହ କରି ମଧ୍ୟ ଗାତରେ ରଖି ତା ମଞ୍ଜିକୁ ଖାଇଥାନ୍ତି। ଖୁସି ପଚାରିଲା, ମାମୁ ଅଣ୍ଡିରା ଓ ମାଈ ଚଢ଼େଇକୁ କିପରି ଚିହ୍ନିବା ? ମାମୁ କହିଲେ, 'ଅଣ୍ଡିରା କାଠହଣା ଚଢ଼େଇର ଆଖି ତଳ ଲାଲ ଓ କଳା ଗାର ଦେଖାଯାଏ। କିନ୍ତୁ ମାଈର ଆଖି ତଳେ ସାଦାସିଧା କଳା ଗାର ଦେଖାଯାଏ।

ଖୁସି ପଚାରିଲା, ମାମୁ ମାଈ ପକ୍ଷୀ ଥରକେ କେତୋଟି ଅଣ୍ଡା ଦେଇଥାଏ ? ମାମୁ କହିଲେ, ଗଛର ନିରାପଦ ସ୍ଥାନ ବାଛି ଥଣ୍ଟରେ ଗାତ କରି ସେଥିରେ ଦୁଇରୁ ଆଠଟି ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ଏହି ଅଣ୍ଡା ମଧ୍ୟରୁ ଛୁଆ ୧୨ରୁ ୧୮ଦିନ ଭିତରେ ବାହାରି ଆସନ୍ତି। ଛୁଆକୁ ତିନି ସପ୍ତାହ ହୋଇଗଲେ ସେ ଉଡିବାକୁ ଆରମ୍ଭ କରେ । ଏମାନେ ଏତେ ଚତୁର ଯେ ବାତ୍ୟା ସମୟରେ ଗଛ ଭାଙ୍ଗିବାର ଆଶଙ୍କା ଥିଲେ ଅଣ୍ଡାଗୁଡିକୁ ଥଣ୍ଟ ସାହାଯ୍ୟରେ ଅନ୍ୟ ସ୍ଥାନକୁ ନେଇଯାଆନ୍ତି।

ଖୁସି ପଚାରିଲା, ମାମୁ ଏମାନେ ଆମ ଗାଁ ଆଡେ ଅଛନ୍ତି କି ? ମାମୁ କହିଲେ, ପୁର୍ବରୁ ଏମାନେ ସବୁ ଆଡେ ବଡ଼ ବଡ଼ ଗଛ ଥିବା ସ୍ଥାନରେ ରହୁଥିଲେ। ଗଛ ହଣା ଶବ୍ଦ ଶୁଣାଗଲେ ଏମାନଙ୍କର ଉପସ୍ଥିତି ଜଣାପଡୁଥିଲା। ବର୍ତ୍ତମାନ ପରିବେଶ ଧ୍ୱସ୍ତବିଧ୍ୱସ୍ତ ଯୋଗୁ ଏମାନଙ୍କ ସଂଖ୍ୟା କମିକମି ଯାଉଛି। ତେଣୁ ଆମ ସମସ୍ତଙ୍କର ଦାୟିତ୍ୱ ହେଲା, ବୃକ୍ଷରୋପଣ କରି ପରିବେଶକୁ ସବୁଜ ସୁନ୍ଦର କରି ଗଢ଼ିତୋଳିବା ଓ ଜଙ୍ଗଲକୁ ସୁରକ୍ଷା ଦେବା। ତାହା ହେଲେ ବିଭିନ୍ନ ପଶୁ ପକ୍ଷୀଙ୍କ ଜୀବନଶୈଳୀରେ ଉନ୍ନତି ଆସିବ। ମାମୁ କହିଲେ, ଖୁସି ଚାଲ ସନ୍ଧ୍ୟା ହେଲାଣି। ଡେରି ହେଲେ ଗାଁକୁ ଯିବାକୁ ଗାଡି ପାଇବା ନାହିଁ।

–ଭିକ୍ଟୋରୀ କଲୋନୀ, ପାରଳାଖେମୁଣ୍ଡି,ଗଜପତି
ମୋ:୯୪୩୮୦୭୪୪୬୪



୧



୨





୩



୪



୯



୫



୬



୭



୮

୧ 
**ଆଦ୍ୟା ଦାସ**
କ୍ଲାସ- ୫, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

୨ 
**ହିମାଦ୍ରି ତନୟ ବେହେରା**
କ୍ଲାସ- ୪, ଆଦାନୀ ଡିଏଭି ପବ୍ଲିକ ସ୍କୁଲ, ଧାମରା, ଭଦ୍ରକ

୩ 
**ଅର୍ଚ୍ଚିତା ଅନିନ୍ଦିତା**
କ୍ଲାସ- ୧୦, ଶ୍ରୀମଦ ଭଗବଦ୍ ଗୀତା ବିଦ୍ୟାମନ୍ଦିର, ନୟାପଲ୍ଲୀ, ଭୁବନେଶ୍ୱର

୪ 
**ଅନନ୍ୟା ମହାନ୍ତି**
କ୍ଲାସ- ୫, ଡିଏଭି ପବ୍ଲିକ ସ୍କୁଲ, ପୁରୀ

୫ 
**ଅନିଶା ଦାସ**
କ୍ଲାସ-୨, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

୬ 
**ଝରଣା ଶବର**
କ୍ଲାସ- ୯, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି


**ଦିପ୍ତିରାଣୀ ସାହୁ**
କ୍ଲାସ୍-୧, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲିଆପଟା, ରସୁଲଗଡ, ଭୁବନେଶ୍ୱର
୭

**ସ୍ୱୟଂ ସାଇ ବେହେରା**
କ୍ଲାସ- ୩, ସରସ୍ୱତୀ ଶିଶୁ ମନ୍ଦିର, ସତ୍ୟବିହାର, ଭୁବନେଶ୍ୱର
 ୮

**ସୁମେଧା ମିଶ୍ର**
କ୍ଲାସ-୮, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର
 ୯

**ଅନିନ୍ଦ୍ୟ ଅରବିନ୍ଦ**
କ୍ଲାସ-୮, ଶ୍ରୀମଦ ଭଗବଦ୍ ଗୀତା ବିଦ୍ୟାମନ୍ଦିର, ନୟାପଲ୍ଲୀ, ଭୁବନେଶ୍ୱର
 ୧୦



୧୦



## କବିତା

### କୁମାର ପୂର୍ଣ୍ଣିମା

ରାଇଜ ସାରା କମ୍ପି ଉଠଇ
ବାଜଇ କେତେ ବାଜା
ଦୁର୍ଗାଙ୍କ ପରେ ଆରମ୍ଭ ହୁଏ
ଗଜ ଲକ୍ଷ୍ମୀଙ୍କ ପୂଜା ।
ଗୁଆ ନଡ଼ିଆ ଖଇ ଆଖୁରେ
ଆଞ୍ଜୁଳି ଟେକି କରି
ସୂର୍ଯ୍ୟ ଚନ୍ଦ୍ରଙ୍କୁ ପୂଜା କରନ୍ତି
ମନ ହୃଦୟ ଭରି ।
କୁମାରୀ ଗଣ ଗୀତ ଗାଇଣ
ପାଳନ୍ତି ଜହ୍ନ ଓଷା,
ତୁଳସୀ ପୂଜି କାର୍ତ୍ତିକ ପରି
ବର ପାଇବା ଆଶା ।
କୁମାର ପୂନେଇ ଜହ୍ନ କିରଣୁ
ଅମୃତ ପଡେ ଝରି,
ପିଲାଠୁ ବଡ଼ ସଭିଏଁ ଖୁସି
ଖାଇବା ପୁରି କ୍ଷିରୀ ।

**–ସୀମାଞ୍ଚଳ ଖଟୁଆ,**
ଭୁବନେଶ୍ୱର
ମୋ: ୯୩୩୭୬୦୭୯୮୩

### କୁଆଁର ପୂନେଇଁ

ଆଜି ହସ ଖୁସି ଯାହାକୁ ଯେତେ
ଆକାଶରୁ ଚାନ୍ଦ କହୁଛି ମୋତେ
ଆସ ପିଲେ ମିଶି ଖେଳିବା ଖେଳ
ଡେରି ନକରିଣ ହୋଇବା ମେଳ ।
କୁଆଁର ପୂନେଇଁ ଆସିଛି ଧାଇଁ
ଖେଳି ପୁଚି କେତେ ନାଚିବା ତହିଁ,
ଗାଇବା ଗୀତ ଯେ ଚକା ଭଉଁରି
ବାଜେ ତୁରୀ ଭେରୀ ଶଙ୍ଖ ମହୁରି ।
ଜହ୍ନି ଫୁଲ ଫୁଟେ ତୁହାକୁ ତୁହା
କଅଁଳ ସଞ୍ଜଟା ଲାଗେ ବଢିଆ,
କୁନା କୁନି ଯେତେ ସାଙ୍ଗ ବଉଳ
ନୂଆ ଜାମା ପିନ୍ଧି ଆସ ସଅଳ ।

**–ରାହାସ କୁମାର ବେହେରା**
ବାଲ୍ୟାମ୍ବା, ଭାପୁର, ଢେଙ୍କାନାଳ
ମୋ:୯୪୩୮୧୧୪୩୬୮

### ମା ଗଜଲକ୍ଷ୍ମୀ

ଆଶ୍ୱିନର ଶୁକ୍ଳ ପୂର୍ଣ୍ଣିମୀ ତିଥିରେ
ଆସେ ଗଜଲକ୍ଷ୍ମୀ ପୂଜା
ମାଆଙ୍କର ଭବ୍ୟ ଆଗମନ ଲାଗି
ମଣ୍ଡପ ହେଲାଣି ସଜା ।
ଗଜ ବାହନରେ ଆସିଛନ୍ତି ମାଆ
ହସ୍ତେ ଶୋଭାପାଏ ପଦ୍ମ
ତାଙ୍କୁ ପୂଜାକଲେ ମିଳଇ ଐଶ୍ୱର୍ଯ୍ୟ
ମୋକ୍ଷ କାମନା ଓ ଧର୍ମ ।
ସମୁଦ୍ର ମନ୍ଥନ ସମୟରେ ମାତ
ଅମୃତର ପାତ୍ର ଧରି
ପୃଥିବୀ ପୃଷ୍ଠରେ ହେଲେ ଅବତୀର୍ଣ୍ଣା
ସୁଖସମୃଦ୍ଧି ଆବୋରି ।
କୁମାର ପୂର୍ଣ୍ଣିମା ଶୁଭ ଅବସରେ
ଏତିକି ଆମ ଗୁହାରି
ହିଂସା ଦ୍ୱେଷ ରାଗ ଦୂର କର ମାତ
ସ୍ନେହ ଭାବ ଆସୁ ଫେରି ।

**–ରାମଚନ୍ଦ୍ର ବେହେରା**
ବରୋଦା,ଗୁଜରାଟ
ମୋ: ୭୩୫୫୬୩୪୩୪୬

### ଚକା ଚକା ଭଉଁରି

ଚକା ଚକା ଭଉଁରି
ମାମୁଘର ଗାଁ ମୋର ଦେବୀ ନଈ ସେପାରି ।
ଆଈ ମୋର ଭାରି ଭଲ ଦେଖିବାକୁ ସୁନ୍ଦରୀ ।
ଅଜା ମୋର କରୁଥିଲେ ସରକାରୀ ଚାକିରି ।
ମାମୁ ମୋର ସହରରେ ପଢୁଥିଲେ ଡାକ୍ତରୀ ।
ମାଈଁ ମୋର ସୁନାଗୋରୀ ଅଟେ ଭାରି ଚତୁରୀ ।
ଆଈ କୁହେ ମୁଁ କାଳେ ସରଗର ପରୀ ।
ମାମୁଘର ମୋ ପାଇଁ ସତେ ଯାଦୁନଗରୀ ।

**–ଅନୁଲିପ୍ତା ମିଶ୍ର**
ମହିଳୋ, ଜଗତ୍‌ସିଂହପୁର, ମୋ: ୯୯୩୮୪୦୦୨୦୫

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



### ଶଙ୍ଖ ଫୁଙ୍କି ରେକର୍ଡ

ପିଲାମାନେ! ତୁମେ ଦୁର୍ଗାପୂଜାରେ ଅନେକ ପେଣ୍ଡାଲ ବୁଲି ପୂଜା ଦେଖିଥିବ। ସବୁଠି ବିଭିନ୍ନ ପ୍ରକାର ତୋରଣ ସହ ମୃଣ୍ମୟୀ ମୂର୍ତ୍ତି ମଧ୍ୟ ଭିନ୍ନ ଆକାରରେ ପୂଜା ପାଉଥିବେ। ତେବେ ଗୁରୁଗ୍ରାମର ଏକ ପେଣ୍ଡାଲରେ ବଙ୍ଗୀୟ ପରିଷଦ ଦ୍ୱାରା ଭିନ୍ନ ଧରଣର ପୂଜା ଆୟୋଜନ କରାଯାଇଥିଲା। ଏହି ପେଣ୍ଡାଲରେ ଏକସଙ୍ଗରେ ଶଙ୍ଖ ବଜାଇ ଗିନିଜ୍ ରେକର୍ଡ କରିଛନ୍ତି। ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସେମାନେ ଏକାଠି ୧୦ ସେକେଣ୍ଡରୁ ଅଧିକ ସମୟ ଯାଏଁ ଶଙ୍ଖ ବଜାଇଥିଲେ। ୨୦୧୩ ମସିହାରେ ୨୯୫ ଜଣ ଏକସଙ୍ଗେ ଶଙ୍ଖ ବଜାଇ ରେକର୍ଡ କରିଥିଲେ, ଯାହାକୁ ଏହି ୪୭୨ଜଣ ଭାଙ୍ଗିଛନ୍ତି। ବଙ୍ଗୀୟ ପରିଷଦର ସଭାପତି ସଞ୍ଜୟ ବାନାର୍ଜୀ କହିଛନ୍ତି, ପୂଜାପର୍ବାଣିରେ ଶଙ୍ଖ ଫୁଙ୍କିବାକୁ ଶୁଭ କୁହାଯାଏ। ଏହି ପ୍ରତିଯୋଗିତା କରି ପରମ୍ପରାକୁ ବଞ୍ଚାଇ ରଖିବା ଆମର ପ୍ରୟାସ।


## ଏଥରର ?

- ଆମେରିକାରେ କେଉଁ ରାଷ୍ଟ୍ରପତିଙ୍କ ଭାଷଣକୁ ପ୍ରଥମ ଥର ପାଇଁ ଇଣ୍ଟରନେଟ୍‌ରେ ୱେବ୍‌କାଷ୍ଟ କରାଯାଇଥିଲା ?
- କେଉଁ ଦେଶରେ ଅକ୍ଟୋବର ୧ ତାରିଖକୁ କଫି ଦିବସ ଭାବେ ପାଳନ କରାଯାଏ ?
- ନାସାରେ କେତେ ପ୍ରତିଶତ ଭାରତୀୟ ବୈଜ୍ଞାନିକ କାମ କରୁଛନ୍ତି ?
- ପୂର୍ବରୁ ୟୁରୋପରେ ✓ ଚିହ୍ନର ବ୍ୟବହାର କ'ଣ ପାଇଁ କରାଯାଉଥିଲା ?
- କେଉଁ ଭାଷାରେ ବାକ୍ୟ ସବୁଠୁ କମ୍ ଶବ୍ଦରେ ସଂପୂର୍ଣ୍ଣ ହୋଇଥାଏ ?

### ଗତଥରର ଉତ୍ତର

- ପୋରବନ୍ଦର
- କରମଚାନ୍ଦ
- ୧୯
- ଗାନ୍ଧୀ
- ଉପବାସ ଏବଂ ପ୍ରାର୍ଥନା

## କହିଲ ଦେଖି



ଷଡ଼ କୃତ୍ତିକାଙ୍କ ସନ୍ତାନ ଯିଏ
ଦେବତାଙ୍କ ସେନାପତି ବି ସିଏ ।
ମୟୂର ବାହନ ଅଟେ ତାଙ୍କର
ଭ୍ରାତା ଗଜାନନ ପିତା ଶଙ୍କର ।
ଚିରକୁମାର ତ ସିଏ,
ତାରକା ବଧିଲେ କିଏ ?

**ଉ– କାର୍ତ୍ତିକେୟ**




ଝିଅମାନେ ମିଶି କରନ୍ତି ପୂଜା
ମଣ୍ଡପରେ ସେପଟେ ଠାକୁର ସଜ୍ଜା ।
ପୁଣି ହୁଏ ଚାନ୍ଦ ବନ୍ଦନା,
ଜହ୍ନି ଆଉ ଜହ୍ନ ଓଷା ହୋଇଥାଏ
ଉପବାସ ରହି ଲଳନା,
ଉତ୍ସବର ନାମ କୁହନା ?

**ଉ– କୁମାରୋତ୍ସବ**



ପୁଣ୍ୟ ଆଶ୍ୱିନର ପୂର୍ଣ୍ଣିମା ତିଥିରେ
ହୁଏ ଏ ଦେବୀଙ୍କ ପୂଜା ବିଧି,
ଗଜ ଆଉ ପେଚା ବାହନ ତାଙ୍କର
ପୂଜା କଲେ ମିଳେ କୋଟି ନିଧି ।
ସିଏ ଧନଦାତ୍ରୀ ମାତା,
କିଏ କୁହ କରି ଚିନ୍ତା ?

**ଉ– ଲକ୍ଷ୍ମୀମାତା**



କାଚବାଟି ପରି ଆଖି ତାଙ୍କର
ସିଏତ ବାହନ ଆମ ମା'ଙ୍କର,
ଅଶୁଭ କହିଁକି ଡର,
କିଏ ଏଇ ପକ୍ଷୀ ବଡ଼ ନିରିମାଖି
ନାମଟି ପ୍ରକାଶ କର ।

**ଉ– ପେଚା**

**–କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧିମାର୍ଗ, ଅନୁଗୋଳ, ମୋ–୯୯୩୮୧୩୩୫୫୯



## ମେଣ୍ଢା କ୍ଷୀର

ମେଣ୍ଢା କ୍ଷୀରରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ରହିଛି। ଏଥିରେ ପ୍ରୋଟିନ୍‌ର ମାତ୍ରା ଅଧିକ । ମେଣ୍ଢାଙ୍କ ଶ୍ରବଣଶକ୍ତି ବେଶ୍ ପ୍ରଖର। ଏମାନେ କୌଣସି ଘଟଣାକୁ ଅଧିକ ଦିନ ପର୍ଯ୍ୟନ୍ତ ମନେରଖିପାରନ୍ତି। ମେଣ୍ଢା ଏକ ସ୍ତନ୍ୟପାୟୀ ପ୍ରାଣୀ। ଏମାନଙ୍କ ଲୋମରୁ ଶୀତବସ୍ତ୍ର ପ୍ରସ୍ତୁତ ହୁଏ।



## ଇଣ୍ଡିଆନ୍ ରେଡ୍ ସ୍କର୍ପିଅନ୍

'ଇଣ୍ଡିଆନ୍ ରେଡ୍ ସ୍କର୍ପିଅନ୍' ଦୁନିଆର ସବୁଠାରୁ ବିଷଧର କଙ୍କଡା ବିଛା। ଏହି ବିଛାର ଡଙ୍କ ଏତେ ବିଷାକ୍ତ ହୋଇଥାଏ ଯେ, ଯଦି ଏହା କାହାକୁ କାମୁଡ଼େ ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବାନ୍ତି ଲାଗିବା, ଶରୀରର ରଙ୍ଗ ପରିବର୍ତ୍ତନ ହେବା ଏବଂ ନିଃଶ୍ୱାସ ନେବାରେ ଅସୁବିଧା ଅନୁଭବ କରିବା ଆଦି ସମସ୍ୟା ଦେଖାଯାଇଥାଏ। ଠିକ୍ ସମୟରେ ଯଦି ଏହାର ଚିକିତ୍ସା କରା ନ ଯାଏ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ମଧ୍ୟ ହୋଇପାରେ।

## କିପରି ଚାଲେ କଙ୍ଗାରୁ

କଙ୍ଗାରୁର ଆଗ ଗୋଡ ଛୋଟ ଓ ପଛ ଗୋଡ ବଡ ହୋଇଥାଏ। ଏମାନେ ଚାଲିବା ସମୟରେ ପଛ ଗୋଡ଼ ଏବଂ ଲାଞ୍ଜ ବ୍ୟବହାର କରି ଡେଇଁ ଡେଇଁ ଆଗକୁ ଗତି କରିଥାନ୍ତି। କଙ୍ଗାରୁ ପାଖାପାଖି ଏକାଥରେ ୧୬ ଫୁଟ୍ ପର୍ଯ୍ୟନ୍ତ ଡେଇଁପାରେ। ମାଈ କଙ୍ଗାରୁଠାରୁ ଅଣ୍ଡିରା କଙ୍ଗାରୁଙ୍କ ଓଜନ ଅଧିକ ଏବଂ ଉଚ୍ଚତାରେ ମଧ୍ୟ ବଡ଼। ଜଙ୍ଗଲରେ ରହୁଥିବା କଙ୍ଗାରୁଙ୍କ ଜୀବନକାଳ ୬ବର୍ଷ ହୋଇଥିବା ବେଳେ ଚିଡିଆଖାନାରେ ରହୁଥିବା କଙ୍ଗାରୁ ପ୍ରାୟ ୨୦ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଆନ୍ତି।






## ବୁଦ୍ଧିମାନ୍ ଭାଲୁ

ଭାଲୁକୁ ବୁଦ୍ଧିମାନ ଜୀବ ବୋଲି କହିବାର କାରଣ ରହିଛି। ଯଦି କିଏ ଭାଲୁକୁ ଶିକାର କରିବାକୁ କୌଣସି ଖାଦ୍ୟ କିମ୍ୱା ଜାଲ ବିଛାଇ ଥା'ନ୍ତି, ଚତୁରତାର ସହିତ ଖାଦ୍ୟକୁ ଖାଇ ସେ ଜାଲରୁ ବାହାରି ଆସିଥାଏ। ଭାଲୁ କ୍ଷିପ୍ର ବେଗରେ ଦୌଡ଼ି ପାରେ। ଏମାନେ ଗଛରେ ଚଢ଼ିବା ସହ ପାଣିରେ ମଧ୍ୟ ସହଜରେ ପହଁରି ପାରନ୍ତି।

## ହ୍ୱେଲ ଶାର୍କର ଜୀବନକାଳ

ଶାର୍କମାନଙ୍କ ପ୍ରଜାତି ମଧ୍ୟରେ 'ହ୍ୱେଲ ଶାର୍କ' ହେଉଛି ସବୁଠାରୁ ବୃହତ୍ତମ। ଏହି ପ୍ରଜାତି ୧୦୦ରୁ ୧୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରନ୍ତି। ଏହାର ଲମ୍ୱ ପ୍ରାୟ ୪୬ ଫୁଟ୍ ଏବଂ ଓଜନ ପାଖାପାଖି ୨୮ଟନ୍। ଅଣ୍ଡିରା ଶାର୍କ ଅପେକ୍ଷା ମାଈ ଶାର୍କ ଅଧିକ ବଡ଼ ହୋଇଥାନ୍ତି।



# ଥା ର ନା



ଦେବାଂଶୀ ପଟ୍ଟନାୟକ
୭ ବର୍ଷ / ଭୁବନେଶ୍ୱର



ବିଭାନ ସ୍ମୃତି ଦେବ
୩ ବର୍ଷ / କଟକ